 କ୍ରୀଡା ଓ ଯୁବ ସେବା ବିଭାଗ,
ଓଡିଶା ସରକାର

# ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ-୨୦୧୮

**ରୁଦୁଗେରା ପର୍ବତଶୃଙ୍ଗ (୧୯,୧୦୦ ଫୁଟ) ଗଙ୍ଗୋତ୍ରୀ, ଉତ୍ତରାଖଣ୍ଡ ଆରୋହଣ ପାଇଁ ସ୍ୱେଚ୍ଛା ସେବୀ ଅନ୍ୱେଷଣ କାର୍ଯ୍ୟକ୍ରମ**

କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା ସରକାର ଏବଂ ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍, ଜାମସେଦପୁର ଙ୍କ ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ-୨୦୧୮ ଉତ୍ତରାଖଣ୍ଡର ଅନ୍ୟତମ ଆକର୍ଷଣୀୟ ଏବଂ ଉଚ୍ଚଶୃଙ୍ଗ ମାଉଣ୍ଟ ରୁଦୁଗେରା (୧୯,୧୦୦ ଫୁଟ) ଗଙ୍ଗୋତ୍ରୀ, ଉତ୍ତରାଖଣ୍ଡ ଆରୋହଣ କରିବା ପାଇଁ ଯୋଗ୍ୟ ସ୍ୱେଚ୍ଛାସେବୀ (Volunteers) ମାନଙ୍କୁ ଆହ୍ୱାନ କରାଯାଉଅଛି ।

ଆବେଦନ ପାଇଁ ଇଚ୍ଛୁକ ଯୁବକ ଯୁବତୀମାନେ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକୀୟ ପ୍ରମାଣ ପତ୍ରର ସହି ନକଲ ସହିତ ନିର୍ଦ୍ଦେଶକ-ତଥା-ଅତିରିକ୍ତ ଶାସନ ସଚିବ, କ୍ରୀଡା ଓ ଯୁବ ସେବା ବିଭାଗ, ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୧୨ ଙ୍କ ଠିକଣାରେ ପଠାଇବା ଆବଶ୍ୟକ । ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୧୫।୦୩।୨୦୧୮ ଅଟେ । କେବଳ ଆବଶ୍ୟକ ମାନଦଣ୍ଡ ପୂରଣ କରୁଥିବା ଯୁବକଯୁବତୀ ମାନେ ତା ୨୩।୦୩।୨୦୧୮ ରିଖ ସକାଳ ୯ ଘଟିକା ସମୟରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଉପସ୍ଥିତ ରହି ମନୋନୟନ ପ୍ରକ୍ରୀୟାରେ ଭାଗନେବେ । ବିଶଦ ବିବରଣୀ କ୍ରୀଡା ଓ ଯୁବସେବା ବିଭାଗ ୱେବସାଇଟ୍ www.dsysodisha.gov.in ରେ ଉପ୍ରଲବ୍ଧ ଅଟେ ।

ନିର୍ଦ୍ଦେଶକ
କ୍ରୀଡା ଓ ଯୁବସେବା ବିଭାଗ
ଓଡିଶା ସରକାର

## କ୍ରୀଡା ଓ ଯୁବ ସେବା ବିଭାଗ,
## ଓଡିଶା ସରକାର

# ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ-୨୦୧୮

**ରୁଦୁଗେରା ପର୍ବତଶୃଙ୍ଗ (୧୯,୧୦୦ ଫୁଟ) ଗଙ୍ଗୋତ୍ରୀ, ଉତ୍ତରାଖଣ୍ଡ ଆରୋହଣ ପାଇଁ ସ୍ୱେଚ୍ଛା ସେବୀ ଅନ୍ୱେଷଣ କାର୍ଯ୍ୟକ୍ରମ**

କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା ସରକାର ଏବଂ ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍, ଜାମସେଦପୁରଙ୍କ ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ-୨୦୧୮ ଉତ୍ତରାଖଣ୍ଡର ଅନ୍ୟତମ ଆକର୍ଷଣୀୟ ଏବଂ ଉଚ୍ଚଶୃଙ୍ଗ ମାଉଣ୍ଟ ରୁଦୁଗେରା (୧୯,୧୦୦ ଫୁଟ) ଗଙ୍ଗୋତ୍ରୀ, ଉତ୍ତରାଖଣ୍ଡ ଆରୋହଣ କରିବା ପାଇଁ ଯୋଗ୍ୟ ସ୍ୱେଚ୍ଛାସେବୀ (Volunteers) ମାନଙ୍କୁ ଆହ୍ୱାନ କରାଯାଉଅଛି । ପ୍ରାଥମିକ ଭାବେ ଏକ ଦ୍ୱୀସ୍ତରୀୟ ମନୋନୟନ ପ୍ରକ୍ରୀୟା ମାଧ୍ୟମରେ ଯୋଗ୍ୟ ବିବେଚିତ ୩୦ ଜଣ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରୁ ଅନ୍ତିମ ପର୍ଯ୍ୟାୟ ରୁଦୁଗେରା ଶୃଙ୍ଗ ଆରୋହଣ କରିବା ପାଇଁ ୧୫ ଜଣ ଯୋଗ୍ୟ ବିବେଚିତ ଯୁବକ ଓ ଯୁବତୀଙ୍କୁ ସୁଯୋଗ ମିଳିବ ।

ପ୍ରାଥମିକ ମନୋନୟନ ପ୍ରକ୍ରୀୟାକୁ ଛାଡିଦେଲେ ଅବଶିଷ୍ଟ ତାଲିମ୍ ତଥା Conditioning Camp ଉତ୍ତରକାଶି ର ଦୋଦିଟାଲ ଅଞ୍ଚଳରେ ଅନୁଷ୍ଠିତ ହେବ । ଏ ସମସ୍ତ ତାଲିମ୍ ତଥା ଆରୋହଣ ଅଭିଯାନ ଭାରତର ଖ୍ୟାତନାମା ମହିଳା ପର୍ବତାରୋହୀ ତଥା ଏଭରେଷ୍ଟ ବିଜୟିନୀ ପଦ୍ମଶ୍ରୀ ବଚ୍ଛେନ୍ଦ୍ରୀ ପାଲ, ନିର୍ଦ୍ଦେଶକ, ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେସନଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହେବ । ଏହାଛଡା ଏହି ପ୍ରକ୍ରିୟାରେ ଓଡିଶାର ଖ୍ୟାତନାମା ପର୍ବତାରୋହୀ ତଥା ଏଭରେଷ୍ଟ ବିଜୟୀଙ୍କୁ ମଧ୍ୟ ସାମିଲ କରାଯିବାର ଯୋଜନା ରହିଅଛି ।

ଉକ୍ତ ଅଭିଯାନରେ ସାମିଲ ହେବା ପାଇଁ ଇଚ୍ଛୁକ ତଥା ଯୋଗ୍ୟ ବିବେଚିତ ସ୍ୱେଚ୍ଛାସେବୀ ପ୍ରାର୍ଥୀମାନେ ନିମ୍ନଲିଖିତ ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ ।

୧. ପ୍ରାର୍ଥୀ (ଉଭୟ ପୁରୁଷ ଏବଂ ମହିଳା) ମାନଙ୍କର ବୟସ ତା ୩୧ ।୧୨ ।୨୦୧୭ ରିଖ ସୁଦ୍ଧା ୧୮ ରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ଓଡିଶାରେ ସ୍ଥାୟୀଭାବେ ବସବାସ କରୁଥିବେ ।

୨. କଷ୍ଟସାଧ୍ୟ ପର୍ବତାରୋହଣ କାର୍ଯ୍ୟ ପାଇଁ ଶାରୀରିକ ଭାବେ ଉପଯୁକ୍ତ ଥିବେ ଏବଂ ଆବଶ୍ୟକ ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଦରକାର ।

୩. ପର୍ବତାରୋହଣରେ ବେସିକ୍ ଏବଂ ଆଡ୍ଭାନ୍ସ କୋର୍ସ କରିଥିବା ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

ପ୍ର.ପୃ.ଦ

୪. ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କର ମନୋନୟନ ପ୍ରକ୍ରୀୟା ନିମ୍ନ ଆଧାରିତ ଅଙ୍କ ମାଧ୍ୟମରେ ନିର୍ଦ୍ଧାରିତ ହେବ । ସର୍ବୋଚ୍ଚ ଅଙ୍କ ପାଇଥିବା ପ୍ରଥମ ୩୦ ଜଣ ପ୍ରାର୍ଥୀ ଏବଂ ପ୍ରାର୍ଥୀନୀ ଙ୍କୁ ଚୟନ କରାଯିବ ।

| | | | |
|---|---|---|---|
| କ) | ବେସିକ୍ ଓ ଆଡ୍‌ଭାନ୍‌ସ କୋର୍ସ (ପର୍ବତାରୋହଣ) | – | ୩୦ |
| ଖ) | ବେସିକ୍ କୋର୍ସ (ପର୍ବତାରୋହଣ) | – | ୨୦ |
| ଗ) | ବେସିକ୍ କୋର୍ସ (ଅନ୍ୟାନ ଦୁଃସାହସିକ କ୍ରୀଡା) | – | ୧୫ |
| ଘ) | ରାଜ୍ୟ ତଥା ରାଜ୍ୟ ବାହାରେ ଅନୁଷ୍ଠିତ ଦୁଃସାହସିକ ଶିବିର, ଖେଳକୁଦ ପ୍ରତିଯୋଗିତା ଇତ୍ୟାଦିରେ ଯୋଗଦାନ | – | ୧୦ |
| ଙ) | ଭୁବନେଶ୍ୱର ରେ ହେବାକୁ ଥିବା ପ୍ରାଥମିକ ମନୋନୟନ ଶିବିର (Selection Trial) ରେ ଉତ୍କର୍ଷତା ପାଇଁ | – | ୧୫ |

ଏଠାରେ ଉଲ୍ଲେଖନୀୟ ଯେ, ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ ନିମନ୍ତେ ଯୋଗ୍ୟ ବିବେଚିତ ୧୫ ଜଣ ସ୍ୱେଚ୍ଛାସେବୀ ମାନଙ୍କର ସମସ୍ତ ଖର୍ଚ୍ଚ ଅଭିଯାନ ଶେଷ ପର୍ଯ୍ୟନ୍ତ ସରକାର ବହନ କରିବେ । ଏତଦ୍‌ବ୍ୟତୀତ ସେମାନଙ୍କର ଇନ୍‌ସୁରାନ୍‌ସ ଏବଂ ଆବଶ୍ୟକୀୟ ପୋଷାକ ଓ ଉପକରଣ ଖର୍ଚ୍ଚ ସରକାର ବହନ କରିବେ । କିନ୍ତୁ ପ୍ରାଥମିକ ମନୋନୟନ ପ୍ରକ୍ରୀୟାରେ ଭାଗ ନେଉଥିବା ଯୁବକ/ଯୁବତୀ ମାନେ ସେମାନଙ୍କ ନିଜ ଖର୍ଚ୍ଚରେ କଳିଙ୍ଗ ଷ୍ଟାଡିୟମରେ ଯୋଗଦେବେ । ଏଥିପାଇଁ କୌଣସି ଯାତାୟତ ଖର୍ଚ୍ଚ ସରକାର ବହନ କରିବେ ନାହିଁ ।

ଯଦିଓ ସରକାର ଏହି ପର୍ବତାରୋହଣ ଅଭିଯାନ ର ସଫଳତା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବେ ମାତ୍ର ଏହି ଅଭିଯାନରେ ଅଂଶ ଗ୍ରହଣ ସମ୍ପୂର୍ଣ୍ଣ ଭାବେ ସ୍ୱେଚ୍ଛାକୃତ ହେବ । ଅଭିଯାନ ପ୍ରାରମ୍ଭରୁ ବା ଅଭିଯାନ ର ସମାପ୍ତି ପରେ କୌଣସି ସର୍ତ୍ତ ବା ଦାବି ଗ୍ରହଣୀୟ ନୁହେଁ । ୨୦୧୫-୧୬ ଓ ୨୦୧୬-୧୭ ବର୍ଷରେ ଆୟୋଜିତ ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ ଅନ୍ତର୍ଗତ ମାଉଣ୍ଟ ରୁଦୁଗେରାରେ ଅଂଶ ଗ୍ରହଣ କରିଥିବା ଯୁବକ ଯୁବତୀଙ୍କ ଆବେଦନ ଚଳିତ ଅଭିଯାନ ପାଇଁ ଗ୍ରହଣୀୟ ନୁହେଁ । ତା ୨୩ ।୦୩ ।୨୦୧୮ ରିଖ ରେ କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ମନୋନୟନ ଶିବିରରେ ୩୦ ଜଣ ମନୋନୀତ ଅଂଶଗ୍ରହଣକାରୀ ଯୁବକଯୁବତୀମାନେ ଉତ୍ତରକାଶୀଠାରେ ମେ ମାସରେ ହେବାକୁ ଥିବା ପ୍ରାଥମିକ ପର୍ଯ୍ୟାୟ ତାଲିମ୍ ଶିବିରରେ ଯୋଗଦେବେ ।

## APPLICATION FORM FOR PARTICIPATION IN 3rd BIJU PATNAIK HIMALAYAN EXPEDITION-2018 TO Mt. RUDUGAIRA (19,100 ft.)

Attach recent passport size photograph

1. Name of the Applicant (In Block Letter) :
2. Father's /Husband's Name :
3. Sex (Male /Female) :
4. Date of Birth (Certificate to be produced for age proof) :
5. Address : (Please indicate the Contact Telephone/Mobile No.& E-mail address) :

   Present Address :

   Permanent Address :

6. Educational Qualification :
7. Whether Basic Mountaineering/ Advance Mountaineering Course completed? (Give details) :
8. Any other training courses on Adventure sports completed? (Give details) :
9. Proficiency in other Sports & Games ? (Please indicate) :
10. Any experience in Adventure Camp ? (Please indicate) :
11. Whether Medically fit ? Certificate from a registered physician not below the rank of Asst. Surgeon to be attached ?
12. What is the future plan after completion of the Expedition ? :

Place :

Date :

Signature of the Applicant